To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ମୋଦିଙ୍କର ଦୁଇଦିନିଆ ଜାପାନ ଗସ୍ତ



R.N.I. No.-42041/83 Vol-16, Issue No.120, ଭଦ୍ରକ, ରବିବାର, ୨୮, ଅକ୍ଟୋବର ୨୦୧୮ ■ Bhadrak Sunday, 28 October 2018 Rs. 2.00 Pages-8

# ନକ୍ସଲ ହମ୍‌ଲା

## ୫ ଯବାନ ସହିଦ, ୨ ଗୁରୁତର



ନୂଆଦିଲ୍ଲୀ,୨୭।୧୦ : ଛତଶଗଡ଼ରେ ବିଧାନସଭା ନିର୍ବାଚନ ପୂର୍ବରୁ ବିଜାପୁର ଇଲାକାରେ ହୋଇଛି ବଡ଼ ଧରଣର ନକ୍ସଲ ଆକ୍ରମଣ । ଏହି ଆକ୍ରମଣରେ ସିଆରପିଏଫର ଚାର ଯବାନ ସହିଦ ହୋଇଛନ୍ତି । ସୂଚନା ମୁତାବକ ବିଜାପୁରରେ ଏକ ସଡ଼କ ଉଦଘାଟନର ପାର୍ଟି ଉପରେ ଆକ୍ରମଣ କରିଛନ୍ତି ମାଓବାଦୀ। ଏହି ଆକ୍ରମଣରେ ୫ ଯବାନ ସହିଦ ହୋଇଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତିଛ ନକ୍ସଲମାନେ ଆଇଡି ଜରିଆରେ ଯବାନଙ୍କ ଉପରେ ଆକ୍ରମଣ କରିଥିବା କୁହାଯାଉଛି । ଏହା ପରେ ଆବାପଲ୍ଲୀ ଥାନା ଅନ୍ତର୍ଗତ ସ୍ଥିତ ଘଟଣାସ୍ଥଳକୁ ସିଲ୍ କରାଯାଇ ସର୍ଚ୍ଚ ଅପରେସନ ଜୋରଦାର କରାଯାଇଛି । ପ୍ରାରମ୍ଭିକ ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ବିଜାପୁରରୁ ମୁରଦୋଣ୍ଡା ଅଭିମୁଖେ ଯାଇଥିବା ସଡ଼କରେ ପେଟ୍ରୋଲିଂ କରୁଥିବା ସିଆରପିଏଫର ୧୬୮ମ ବାଟାଲିୟନ ଉପରେ ମାଓବାଦୀମାନେ ମରଣାନ୍ତ ଆକ୍ରମଣ କରିଛନ୍ତି । ଏଥିରେ ଘଟଣାସ୍ଥଳରେ ୪ ସିଆରପିଏଫ ଯବାନ ସହିଦ ହୋଇଥିବା ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଘଟଣାର ସୂଚନା ଦେଇ ସିଆରପିଏଫର ଡିଆଇଜି ସୁନ୍ଦର ରାଜ କହିଛନ୍ତି ଯେ ଏହି ଆକ୍ରମଣରେ ଜଣେ ଏଏସଆଇ, ଜଣେ ହେଡ କନଷ୍ଟେବଲ, ଦୁଇ କନଷ୍ଟେବଲ ସହିଦ ହୋଇଛନ୍ତି । ଏହା ବ୍ୟତୀତ ଦୁଇ ଜଣ ଯବାନ ଆହତ ହୋଇଛନ୍ତି । ଦୁଇ ଆହତ ଯବାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାର ସୂଚନା ମିଳିବା ମାତ୍ରେ ତତ୍କାଳ ରିଜର୍ଭ ପୋଲିସ ବଳର ଅତିରିକ୍ତ ଦଳ ଘଟଣାସ୍ଥଳରେ ପହଞ୍ଚି ଇଲାକାକୁ ସିଲ୍ କରିବା ସହିତ ସର୍ଚ୍ଚ ଅପରେସନ ଜୋରଦାର କରିଛନ୍ତି । ସୂଚନାଯୋଗ୍ୟ ଛତିଶଗଡ଼ରେ ଏହା ପୂର୍ବରୁ ଅନେକ ଥର ନକ୍ସଲ ଆକ୍ରମଣକାରୀ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳର ଯବାନଙ୍କୁ ଟାର୍ଗେଟ୍ କରିଥିଲେ । ଜୁଲାଇରେ ନକ୍ସଲ ଛତିଶଗଡ଼ର କୋଙ୍କର ଜିଲ୍ଲାରେ ବିଏସଏଫ ଯବାନଙ୍କ ଉପରେ ହମଲା କରିଥିଲେ । ଏଥିରେ ଦୁଇ ଜଣ ବିଏସଏଫ ଯବାନ ସହିଦ ହୋଇଥିଲେ । ଏହି ପରି ୨୦୧୮ ମାର୍ଚ୍ଚ ୧୩ରେ ରାଜ୍ୟର ସୁକମା ଜିଲ୍ଲାରେ ସିଆରପିଏଫଙ୍କ ଉପରେ ହୋଇଥିବା ମାଓବାଦୀ ଆକ୍ରମଣରେ ୯ ଯବାନ ସହିଦ ହୋଇଥିଲେ ।

# ବିଦ୍ୟୁତ୍ ତାର ଲାଗି ୭ ହାତୀ ମୃତ

## ଅଭାବନୀୟ

ଭୁବନେଶ୍ୱର, ୨୭।୧୦ (ସକାଳ ଖବର): ଢେଙ୍କାନାଳ ସଦର ରେଂଜର କମଳାଙ୍ଗ ଠାରେ ବିଦ୍ୟୁତ୍ ତାର ଲାଗି ୭ ଟି ହାତୀ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାକୁ ନେଇ ୬ଜଣଙ୍କୁ ସସ୍‌ପେଣ୍ଡ କରାଯିବା ସହ ଜଣକୁ ଚାକିରିରୁ ବହିଷ୍କୃତ କରାଯାଇଛି । ମୃତ ହାତୀଙ୍କ ମଧ୍ୟରେ ଗୋଟିଏ ଦନ୍ତା , ଗୋଟିଏ ଛୁଆ ହାତୀ ଓ ୫ ଟି ମାଈ ହାତୀ ରହିଛନ୍ତି। ଖବର ପାଇଁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚିଥିଲେ। ଅପରାହ୍ନରେ ୩ ଜଣିଆ ଡାକ୍ତରୀ ଟିମ୍ ସେମାନଙ୍କର ବ୍ୟବଚ୍ଛେଦ କରିଛନ୍ତି।

ଏହି ଘଟଣା ଉପରେ ୩ ଜଣିଆ ଟିମ୍ ତଦନ୍ତ କରୁଛନ୍ତି। ବିଦ୍ୟୁତ୍ ଇନିସ୍ପେକ୍ଟରଙ୍କ ନେତୃତ୍ୱରେ ଏହି ଟିମ୍ ସେଠାକୁ ଯାଇଛନ୍ତି ବୋଲି ବିଦ୍ୟୁତ୍ ବିଭାଗ ସଚିବ ହେମନ୍ତ ଶର୍ମା ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ରେଲୱେକୁ ଅସ୍ଥାୟୀ ଭାବେ ବିଦ୍ୟୁତ୍ ଯୋଗାଇ ଦେବାପାଇଁ ଏହି ତାର ଟଣାଯାଇଥିଲା। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବିଦ୍ୟୁତ୍ ବିଭାଗ ଓ ଜଙ୍ଗଲ ବିଭାଗ ମଧ୍ୟରେ ନିୟମିତ ବୈଠକ ବସୁଛି।

ସେହିପରି ଜଙ୍ଗଲ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ କହିଛନ୍ତି ଯେ ହାତୀ ମୃତ୍ୟୁପାଇଁ ସେସୁ ଦାୟୀ । ତାର ଓହଳିବା ଘଟଣା ସମ୍ପର୍କରେ ସେମାନଙ୍କୁ ଜଣାଇ ଦିଆଯାଇଥିଲା। ମନ୍ତ୍ରୀଙ୍କ କହିବା କଥା ଯେ, 'ହାତୀ ମୃତ୍ୟୁ ପାଇଁ ସେସୁ ହିଁ ଦାୟୀ' କାରଣ ୧୧ କେ.ଭି ବିଦ୍ୟୁତ୍ ତାର ଝୁଲିଥିବା କଥା ବାରମ୍ବାର ସେସୁ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲା । କିନ୍ତୁ ସେସୁ ଏହାର କୌଣସି ପ୍ରତିକାର କରିନାହାନ୍ତି। ଯାହାର ପରିଣାମ **(ପୃଷ୍ଠା-୭)**

- ଘଟଣାରେ ୬ ସସ୍‌ପେଣ୍ଡ, ଜଣେ ବହିଷ୍କୃତ
- ଘଟଣା ପାଇଁ ସେସୁ ଦାୟୀ : ମନ୍ତ୍ରୀ
- ହାତୀ ମୃତ୍ୟୁକୁ ନେଇ ୨ ରେଞ୍ଜ ମଧ୍ୟରେ ଟଣାଓଟରା
- ୧୭ ଫୁଟ୍ ବଦଳରେ ୮ ଫୁଟ୍ ଉଚ୍ଚରେ ତାର ଟଣା ହୋଇଥିଲା !



### ବନ ବିଭାଗ ଓ ସେସୁକୁ ଜିଲ୍ଲାପାଳଙ୍କ ରିପୋର୍ଟ ତଲବ

ଢେଙ୍କାନାଳ/ଭୁବନେଶ୍ୱର: ଢେଙ୍କାନାଳ ଜିଲ୍ଲାର ସଦର ଥାନା ଅନ୍ତର୍ଗତ କମଳାଙ୍ଗ ଅଂଚଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୭ଟି ହାତୀଙ୍କ ମୃତ୍ୟୁ ଘଟଣାରେ ବନ ବିଭାଗ, ରେଳ ବିକାଶ ନିଗମ ଏବଂ ସେସୁ କୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ରିପୋର୍ଟ ତଲବ କରିଛନ୍ତି। ଏହି ସଂସ୍ଥା ଓ ବିଭାଗ **(ପୃଷ୍ଠା-୭)**

# ଆଜି ଠୁ ବର୍ଷା !

## ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର, ୨୭।୧୦ (ସକାଳ ଖବର): ପଶ୍ଚିମ କେନ୍ଦ୍ର ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ଘଂଟା ମଧ୍ୟରେ ଏହା ଲଘୁଚାପର ରୂପ ନେବ। ଏହାର ପ୍ରଭାବରେ ଉପକୂଳ ଓଡିଶାରେ ରବିବାର ଠାରୁ ୩୦ ତାରିଖ ଯାଏଁ ବର୍ଷା ହେବାର ସମ୍ଭାବନା ରହିଛି। ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ ଅଧିକ ବର୍ଷାର ସମ୍ଭାବନା ରହିଛି ବୋଲି ଆଂଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ.ଆର୍ ବିଶ୍ୱାସ ସୂଚନା ଦେଇଛନ୍ତି। ସେହିପରି ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ବର୍ଷା ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରୁ ଯିବାକୁ ବାରଣ କରାଯାଇଛି। ସୂଚନା ଅନୁଯାୟୀ ପଶ୍ଚିମ କେନ୍ଦ୍ର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଉପକୂଳ ଭଦ୍ରକ, ବାଲେଶ୍ୱର ଆଦି ଜିଲ୍ଲାରେ ୨୮ରୁ ୩୦ତାରିଖ ମଧରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ଜେଲରେ ଖୋଲିବ କ୍ୟାମ୍ପ କୋର୍ଟ



କଟକ/ଭୁବନେଶ୍ୱର, ୨୭।୧୦ (ସକାଳ ଖବର): ଆଇନଜୀବୀଙ୍କ ଆନ୍ଦୋଳନ ହେତୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ମଣ୍ଡଳ କାରାଗାର, ଜିଲ୍ଲା କାରାଗାର ଓ ଉପ-କାରାଗାରରେ ବିଚାରଧୀନ କଏଦୀଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ମାମଲାର ତୁରନ୍ତ ସମାଧାନ କରିବା ପାଇଁ ଓଡ଼ିଶା ହାଇକୋର୍ଟ ଶନିବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ହାଇକୋର୍ଟ ଆଜି ରାଜ୍ୟର ସମସ୍ତ ଜିଲ୍ଲା ଓ ଦୌରାଜଜଙ୍କୁ ସେମାନଙ୍କ ଜିଲ୍ଲାରେ ଥିବା ଜେଲରେ କ୍ୟାମ୍ପ କୋର୍ଟ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଚାରପତିମାନେ ଜେଲକୁ ଯାଇ ସାଧାରଣ ଅପରାଧରେ ଦଣ୍ଡ ଭୋଗୁଥିବା କଏଦୀଙ୍କ ଜାମିନ ଶୁଣାଣି କରିବେ । ଦୀର୍ଘ ୨ ମାସ ହେବ ଓକିଲଙ୍କ ଆନ୍ଦୋଳନ ଯୋଗୁଁ ଜେଲରେ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବଢ଼ିଛି । ଜେଲରେ କଏଦୀଙ୍କ ଭିଡକୁ ନିୟନ୍ତ୍ରଣରେ ଆଣିବା ପାଇଁ ହାଇକୋର୍ଟ ଏଭଳି ନିଷ୍ପତ୍ତି ଦେଇଛନ୍ତି । କ୍ୟାମ୍ପ କୋର୍ଟ ଗୁଡ଼ିକ ଜେଲ ପରିସରରେ କାର୍ଯ୍ୟ ଦିବସରେ ଏବଂ ନିର୍ଦ୍ଦିଷ୍ଟ ସମୟରେ ଅନୁଷ୍ଠିତ ହେବ । ପ୍ରିଜାଇଡିଂ ଅଫିସର କିରାଣୀ ଏବଂ ଗ୍ରୁପ-ଡି କର୍ମଚାରୀଙ୍କ ସହିତ କ୍ୟାମ୍ପ କୋର୍ଟ କାମ **(ପୃଷ୍ଠା-୭)**

# ନନ୍ଦନକାନନ ଯିବ ସୁନ୍ଦରୀ

ଭୁବନେଶ୍ୱର, ୨୭।୧୦ (ସକାଳ ଖବର): ସାତକୋଶିଆ ଜଙ୍ଗଲରେ ଆତଙ୍କ ସୃଷ୍ଟି କରିଥିବା ବାଘୁଣୀ ସୁନ୍ଦରୀକୁ ନନ୍ଦନକାନନ ଅଣାଯିବ। ସୁନ୍ଦରୀକୁ ଟ୍ରାଙ୍କୁଲାଇଜ୍ କରାଯିବ ପରେ ନନ୍ଦନକାନନ ଅଣାଯିବ ବୋଲି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ସୁନ୍ଦରୀକୁ କାବୁ କରିବାପାଇଁ ରାଜ୍ୟ ବାହାରୁ ୪ ଜଣିଆ ଟ୍ରାଙ୍କୁଲାଇଜ୍



ଟିମ୍ ଏଠାରେ ପହଂଚିଛନ୍ତି। ଖୁବଶୀଘ୍ର ଟ୍ରାଂକ୍ୟୁଲାଇଜ୍ କରି ଧରାହେବ। ସୁନ୍ଦରୀକୁ ଧରାଯିବା ପରେ ତାକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଠାଯିବ। ତେଣୁ ସୁନ୍ଦରୀକୁ ନେଇ ଭୟର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସୁନ୍ଦରୀକୁ କାବୁ କରିବାପାଇଁ ଗତକାଲି ସୁନାବେଡ଼ାରୁ ଏକ ସ୍ୱୟଂଚାଳିତ ଯନ୍ତ୍ର ଆଣାଯାଇଛି। ମଧ୍ୟପ୍ରଦେଶରୁ ୩ଟି ବିଶେଷଜ୍ଞ ଦଳ ଗତକାଲି ଅନୁଗୁଳରେ ପହଂଚିଛନ୍ତି। 'ସୁନ୍ଦରୀ' ବେକରେ ଯେଉଁ ଯନ୍ତ୍ର ତାହା ମାଧ୍ୟମରେ ତିନି **(ପୃଷ୍ଠା-୭)**



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

# ଖଣି ମାଲିକଙ୍କର ସମ୍ପତ୍ତି ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ



## ଜଣେ ଖଣି ମାଲିକଙ୍କୁ ନୋଟିସ ଜାରି

କେନ୍ଦୁଝର,୨୭।୧୦ (ସକାଳ ଖବର): କେନ୍ଦୁଝର ଜିଲ୍ଲାର ଯେଉଁ ଖଣି ଲିଜଧାରୀମାନେ ସୁପ୍ରିମକୋର୍ଟ ଙ୍କର ନିର୍ଦ୍ଦେଶ ଅନୁସାରେ ଜୋରିମାନା ଅର୍ଥ ପୈଠ କରିନାହାଁନ୍ତି ସେମାନଙ୍କର ସମ୍ପତି ବ୍ୟାଜାପ୍ତ ପାଇଁ ଶନିବାର ଠାରୁ ହିଁ ବାସ୍ତବ ପ୍ରକ୍ରୀୟା ଆରମ୍ଭ ହୋଇଛି। ମାନ୍ୟବର କୋର୍ଟଙ୍କର ନିର୍ଦ୍ଦେଶାନୁସାରେ କେନ୍ଦୁଝର ଜିଲ୍ଲାପାଳଙ୍କର କୋର୍ଟରେ ଗତ କିଛିଦିନ ଧରି ସାର୍ଟିଫିକେଟ କେଶର ଶୁଣାଣି ଚାଲିଆସୁଛି । ଏହି କ୍ରମରେ ଆଜି ୨୩ଟି ଖଣି ଲିଜଧାରୀଙ୍କୁ ହାଜର ପାଇଁ ନୋଟିସ ଜାରି ହୋଇଥିବାବେଳେ ୧୬ଟି ଖଣି ଲିଜଧାରୀ ଙ୍କର ପ୍ରତିନିଧି ମାନେ ହାଜର ହୋଇଥିଲେ । କିନ୍ତୁ ହାଜର ହୋଇନଥିବା ୭ ଟି ଖଣି ଲିଜଧାରୀ ମାନଙ୍କ ମଧ୍ୟରୁ କେତେଜଣ ନୋଟିସ ପାଇ ନାହାନ୍ତି ଓ ଆଉ କେତେ ଜଣଙ୍କର ମାଲିକାନା ନାହିଁ । ହାଜର ହୋଇଥିବା ୧୬ ଜଣ ଖଣି ଲିଜଧାରୀ ଙ୍କର ଶୁଣାଣି ଜିଲ୍ଲାପାଳଙ୍କ କୋର୍ଟରେ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଖଣି ଲିଜଧାରୀ ଏସ୍.ସି.ପାଢି ଉପରେ ଧାର୍ଯ୍ୟ ୩୧ କୋଟି ଟଙ୍କାର ଜୋରିମାନା ଅର୍ଥ ମଧ୍ୟରୁ ଶନିବାର ଦିନ ସେ ୧ କୋଟି ୯୩ ଲକ୍ଷ ୩୧ **(ପୃଷ୍ଠା-୭)**

## ସଞ୍ଜୟ ମିଶ୍ର ହେଲେ ଇଡିର ନୂଆ ନିର୍ଦ୍ଦେଶକ

ନୂଆଦିଲ୍ଲୀ, ୨୭।୧୦: ଭାରତୀୟ ରାଜସ୍ୱ ସେବାର ଅଧିକାରୀ ସଞ୍ଜୟ ମିଶ୍ର ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ନୂଆ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ସେ ଏହି ପଦବୀରେ ଆସନ୍ତା ତିନି ମାସ ପର୍ଯ୍ୟନ୍ତ ରହିବେ। କିନ୍ତୁ ଏହି ସମୟ ମଧରେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନିୟମିତ ନିଯୁକ୍ତି ମିଳିଲେ ତାଙ୍କୁ ଏହି **(ପୃଷ୍ଠା-୭)**



ହୁଣ୍ଡିର ଆୟ (୭.୧୦.୧୮)
୩,୧୨,୧୮୦

# ତୃତୀୟ ସାମ୍ମୁଖ୍ୟ ଗଠନ ଚର୍ଚ୍ଚା ଜୋର୍ ଧରିଲା

## ଚନ୍ଦ୍ରବାବୁ ଓ ଶରଦ ଯାଦବଙ୍କ ସହିତ ସାକ୍ଷାତ କଲେ କେଜ୍ରିୱାଲ

ନୂଆଦିଲ୍ଲୀ,୨୭।୧୦: ଆଉ ମାତ୍ର କେଇମାସ ପରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହାକୁ ଦୃଷ୍ଟିରେ ରଖି କ୍ଷମତାସୀନ ବିଜେପିକୁ ଚେକ୍ ଦେବା ପାଇଁ ଏବେ ବିରୋଧୀମାନେ ରଣନୀତି ପ୍ରସ୍ତୁତି କରିବା ଆରମ୍ଭ କରିଦେଇଛନ୍ତି । ଆଗାମୀ ଦିନରେ ତୃତୀୟ ସାମ୍ମୁଖ୍ୟ ହେବା ନେଇ ଚର୍ଚ୍ଚା ଜୋର୍ ଧରିଲାଣି । ୨୦୧୯ ଲୋକସଭା ନିର୍ବାଚନ ପାଇଁ ସମସ୍ତ ଦଳ ଛକା ପଞ୍ଝାରେ ଅଛନ୍ତି । ଏହି ପରିପ୍ରେକ୍ଷୀରେ ଶନିବାର ଦିନ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡ଼ୁ, ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଲୋକତାନ୍ତ୍ରିକ ଜନତା ଦଳ (ୟୁ)ର ସଭାପତି ଶରଦ ଯାଦବ ମିଳିତ ଭାବେ କଥାବାର୍ତ୍ତା ହୋଇଛନ୍ତି ।

କେଜରୀୱାଲ ନାଇଡ଼ୁଙ୍କ ସହ ମିଶିବା ପରେ ଟ୍ୱିଟ୍ କରି ତାଁଙ୍କର ସାକ୍ଷାତ ଉପରେ କହିଛନ୍ତି ଯେ, ଆମର କଥାବାର୍ତ୍ତା ବହୁତ ଭଲ ହେଲା ଏବଂ ଜାତୀୟ ପ୍ରସଙ୍ଗ ଉପରେ ଆମେ ଆଲୋଚନା କରିଛୁ । କିଛି ସମୟ ପାଇଁ ଶରଦ ଯାଦବ ମଧ ଆମ ସାଥିରେ ଥିଲେ । ସେ କହିଛନ୍ତି ଯେ, ବର୍ତ୍ତମାନର ବିଜେପି ସରକାର ଦେଶ ଓ ସମ୍ବିଧାନ ପାଇଁ ବହୁତ ବିପଦପୂର୍ଣ୍ଣ । ଦେଶର ସମସ୍ତ ଜନତା ଏକ ସଂଗରେ ମିଶି ଭାରତର ସମ୍ବିଧାନକୁ ରକ୍ଷା କରିବାକୁ ହେବ ବୋଲି ସେ କହିଥିଲେ ।

### କଂଗ୍ରେସରେ ତାରିକ ଅନୱର

ଶରଦ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ଛାଡ଼ିଥିବା ତାରିକ ଅନୱର ଶନିବାର ଦିନ କଂଗ୍ରେସରେ ଯୋଗ ଦେଇଛନ୍ତି । ଅନୱର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ପାଟିର ବରିଷ୍ଠ ନେତା ଅଶୋକ ଗହଲୋତ ଙ୍କ ଉପସ୍ଥିତିରେ **(ପୃଷ୍ଠା-୭)**



## ଏସ୍‌ସିବିରେ ଆଉ ଜଣେ ଡେଙ୍ଗୁ ରୋଗୀ ମୃତ

ଭୁବନେଶ୍ୱର, ୨୭।୧୦ (ସକାଳ ଖବର): କଟକ ଏସସିବି ଡାକ୍ତରଖାନାରେ ଶନିବାର ପୁଣି ଜଣେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ମଞ୍ଜୁ ରାଉତ ଏବଂ ତାଙ୍କ ଘର ପଶ୍ଚିମବଙ୍ଗ ପୂର୍ବ ମେଦିନିପୁରରେ ବୋଲି ଜଣାପଡ଼ିଛି। ଡେଙ୍ଗୁ ରୋଗରେ ପୀଡିତ ବୋଲି ଜଣାପଡିବା ପରେ ପ୍ରଥମେ ସେ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରତର ହେବାରୁ ତାଙ୍କୁ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା। ଗତ ଚାରି ଦିନ ଧରି ତାଙ୍କୁ ଭେଂଟିଲେଟରରେ ରଖାଯାଇଥିଲା। ତେବେ ଆଜି ତାଙ୍କର ମୃତ୍ୟୁ ଘଟିଛି।





Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick